କର୍ଣ୍ଣାଟକ ରାଜ୍ୟ

ବନାମ

ଶାରଣପ୍ପା ବାସନଗୌଡ଼ା ଆରେଗୌଦାର

21 ମାର୍ଚ୍ଚ 2002

[ଆର୍.ପି. ସେଠି ଏବଂ କେ.ଜି. ବାଲକ୍ରିଷ୍ଣନ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦଣ୍ଡ ସଂହିତା, 1860 : ଧାରା 279, 337, 338 ଏବଂ 304-A ।*

*ବେପରୁଆ ଗାଡ଼ି ଚାଳନା ଫଳରେ ଚାରି ଜଣଙ୍କ ମୃତ୍ୟୁ ଘଟିଥିଲା - ବିଚାର କରୁଥିବା ନ୍ୟାୟାଳୟ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ 6 ମାସର କାରାବାସ ପ୍ରଦାନ କରିଥିଲେ - ପୁନରୀକ୍ଷଣରେ ଏକକ ବିଚାରପତି ଦୋଷୀ ସାବ୍ୟସ୍ତକୁ ବଜାୟ ରଖିଥିଲେ କିନ୍ତୁ ଦଣ୍ଡାଦେଶକୁ ହ୍ରାସ କରିଥିଲେ - ଅପିଲରେ, ଯେତେବେଳେ ଅଭିଯୁକ୍ତମାନେ ବେପରୁଆ ଏବଂ ଅବହେଳା ଗାଡ଼ି ଚାଳନା ପାଇଁ ଦୋଷସିଦ୍ଧି ହୋଇଥିଲେ, ନ୍ୟାୟାଳୟ ସୁନିଶ୍ଚିତ କରିଥିଲେ ଯେ ଅଭିଯୁକ୍ତମାନେ ଆଇନ କବଳରୁ ଅତି ହାଲୁକା ଭାବରେ ରକ୍ଷା ପାଇପାରିବେ ନାହିଁ - ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ଦୋଷସିଦ୍ଧି ଏବଂ ଦଣ୍ଡାଦେଶକୁ ବଜାୟ ରଖାଯାଇଥିଲା ।*

*ଦଣ୍ଡାଦେଶ :*

*ଦଣ୍ଡାଦେଶ ପ୍ରଦାନ କରିବା ସମୟରେ ବ୍ୟାପକ ତଥ୍ୟ ଉପରେ ବିଚାର କରିବା ପାଇଁ ନ୍ୟାୟାଳୟର ବିବେଚନାଧିକାର - ସମାଜର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାକୁ କାର୍ଯ୍ୟକାରୀ କରାଯିବ ।*

ଜଣେ 'ଭି' ତାଙ୍କ ପରିବାର ସହିତ, ନିଜେ ଚଳାଉଥିବା ଏକ କାରରେ ନିଜ ଜନ୍ମସ୍ଥାନକୁ ଫେରୁଥିବା ସମୟରେ, ଅଭିଯୁକ୍ତ-ଉତ୍ତରଦାତା ଚଳାଉଥିବା ଏକ ଲରି ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଏହି ଦୁର୍ଘଟଣାରେ 'ଭି' ଏବଂ ଅନ୍ୟ ତିନି ଜଣଙ୍କର ମୃତ୍ୟୁ ଘଟିଥିଲା । ବିଚାର କରୁଥିବା ନ୍ୟାୟାଳୟ ଅଭିଯୁକ୍ତମାନଙ୍କୁ ଦଣ୍ଡବିଧି ସଂହିତାର ଧାରା 279, 337, 338 ଏବଂ 304 ଅନୁଯାୟୀ ଦଣ୍ଡନୀୟ ଅପରାଧରେ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ 6 ମାସ କାରାଦଣ୍ଡାଦେଶ ଦେଇଥିଲେ । ପୁନରୀକ୍ଷଣରେ, ଏକକ ବିଚାରପତି ଅଭିଯୁକ୍ତଙ୍କ ଦୋଷୀ ସାବ୍ୟସ୍ତକୁ ସୁନିଶ୍ଚିତ କରିଥିଲେ କିନ୍ତୁ ଦଣ୍ଡାଦେଶକୁ ହ୍ରାସ କରି ଜରିମାନା ପ୍ରଦାନ ପାଇଁ କହିଥିଲେ । ତେଣୁ ରାଜ୍ୟ ପକ୍ଷରୁ ଅପିଲ କରାଯାଇଛି ।

ଅପିଲକାରୀ-ରାଜ୍ୟ ପକ୍ଷରୁ ଯୁକ୍ତି କରାଯାଇଥିଲା ଯେ ଉଚ୍ଚ ନ୍ୟାୟାଳୟ ଦଣ୍ଡାଦେଶକୁ ହ୍ରାସ କରିବାରେ ଅତ୍ୟଧିକ କ୍ଷମାଶୀଳ ହୋଇଥିଲେ ଯାହା ଦ୍ୱାରା ନ୍ୟାୟର ଅପପ୍ରୟୋଗ ହୋଇଥିଲା ।

ଅପିଲକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

ନିର୍ଣ୍ଣୟ କଲେ : 1.1. ଦୁର୍ଘଟଣାର ଗମ୍ଭୀର ପ୍ରକୃତିକୁ ଦୃଷ୍ଟିରେ ରଖି, ଯାହାର ଫଳସ୍ୱରୂପ ଚାରି ଜଣଙ୍କର ମୃତ୍ୟୁ ଘଟିଥିଲା, ଏକକ ବିଚାରପତି ନିମ୍ନ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ଦଣ୍ଡାଦେଶରେ ହସ୍ତକ୍ଷେପ କରିବା ଉଚିତ୍ ନୁହେଁ । ଏହା ଏକ ଖରାପ ପରମ୍ପରା ସୃଷ୍ଟି କରିପାରେ ଏବଂ ଅଧସ୍ତନ ନ୍ୟାୟାଳୟମାନଙ୍କୁ ଭୁଲ ସଙ୍କେତ

**ଦେଇପାରେ, ଯେଉଁଠାରେ ଏଭଳି ଅନେକ ଦୁର୍ଘଟଣା ମାମଲା ସାମ୍ନା କରିବାକୁ ପଡ଼ିଥାଏ । ଯଦି ଅଭିଯୁକ୍ତମାନେ ଦ୍ରୁତଗତିରେ ଗାଡ଼ି ଚାଳନା ଏବଂ ବେପରୁଆ ଗାଡ଼ି ଚାଳନା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ସେମାନେ ଯେପରି ଆଇନ କବଳରୁ ଅତି ସହଜରେ ଖସି ନ ଯାଆନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ନ୍ୟାୟାଳୟମାନଙ୍କୁ ସତର୍କ ରହିବାକୁ ପଡ଼ିବ । ନ୍ୟାୟାଳୟ ଦ୍ୱାରା ଲାଗୁ କରାଯାଇଥିବା ଦଣ୍ଡାଦେଶ ସମ୍ଭାବ୍ୟ ଅପରାଧୀଙ୍କ ଉପରେ ପ୍ରତିବନ୍ଧକ ପ୍ରଭାବ ପକାଇବା ଉଚିତ ଏବଂ ଅପରାଧର ଗମ୍ଭୀରତା ସହିତ ଅନୁରୂପ ହେବା ଉଚିତ ।**

**1.2. ଦଣ୍ଡାଦେଶର ପରିମାଣ ନିର୍ଦ୍ଧାରଣ କରିବା ପାଇଁ ପ୍ରାସଙ୍ଗିକ ହେଉଥିବା ବ୍ୟାପକ ଏବଂ ଭିନ୍ନ ଭିନ୍ନ ତଥ୍ୟର ସମୀକ୍ଷା କରିବା ପାଇଁ ଦଣ୍ଡାଦେଶ ପ୍ରସଙ୍ଗରେ ନ୍ୟାୟାଳୟମାନଙ୍କୁ ବିବେଚନା ଅଧିକାର ପ୍ରଦାନ କରାଯାଇଛି । କିନ୍ତୁ ସମାଜର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାକୁ କାର୍ଯ୍ୟକାରୀ କରିବାକୁ ପଡିବ । ବର୍ତ୍ତମାନର ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ଦୋଷସିଦ୍ଧି ଏବଂ ଦଣ୍ଡାଦେଶକୁ ବଜାୟ ରଖାଯାଇଛି ।**

ଫୌଜଦାରୀ ଅପିଲୀୟ କ୍ଷେତ୍ରାଧିକାରିତା : ଫୌଜଦାରୀ ଅପିଲ ସଂଖ୍ୟା 407/2002 ।

ସି.ଆର.ଏଲ. ଆର.ପି. ସଂଖ୍ୟା 240/1999 ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ତା 12.9.2000 ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏନ୍.ପି. ମିଧା ଏବଂ ଏନ୍. ଗଣପତି ।

ଉତ୍ତରଦାତାଙ୍କ ପାଇଁ ଶଙ୍କର ଦିଭାତେ ।

**ନ୍ୟାୟମୂର୍ତ୍ତି, କେ.ଜି. ବାଲକ୍ରିଷ୍ଣନଙ୍କ** ଦ୍ୱାରା ନ୍ୟାୟାଳୟର ରାୟ ପ୍ରଦାନ କରାଗଲା ।

ଅନୁମତି ପ୍ରଦାନ କରାଗଲା ।

ଉତ୍ତରଦାତାଙ୍କ ଉପରେ ଏହାର ଅପର୍ଯ୍ୟାପ୍ତତା ଆଧାରରେ ଦିଆଯାଇଥିବା ଦଣ୍ଡ ବିରୁଦ୍ଧରେ କର୍ଣ୍ଣାଟକ ରାଜ୍ୟ ଦ୍ୱାରା ଏହି ଅପିଲ ଆଗତ କରାଯାଇଛି । ଭାରତୀୟ ଦଣ୍ଡ ସଂହିତା 279, 337, 338 ଏବଂ 304A ଅନୁଯାୟୀ ଦଣ୍ଡନୀୟ ଅପରାଧରେ ଉତ୍ତରଦାତା ଦୋଷୀ ସାବ୍ୟସ୍ତ ହୋଇଥିଲେ । ଆଇପିସିର ଧାରା 304A ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ବିଚାର କରୁଥିବା ଦଣ୍ଡାଧିକାରୀ ଉତ୍ତରଦାତାଙ୍କୁ ଛଅ ମାସ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ଆଇପିସିର ଧାରା 279, 337 ଏବଂ 338 ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ କୌଣସି ପୃଥକ ଦଣ୍ଡାଦେଶ ଦିଆଯାଇ ନଥିଲା । ଉତ୍ତରଦାତା ତାଙ୍କ ଦୋଷସିଦ୍ଧି ଏବଂ ଦଣ୍ଡାଦେଶ ବିରୁଦ୍ଧରେ ଏକ ଅପିଲ ଦାଖଲ କରିଥିଲେ, କିନ୍ତୁ ଅପିଲୀୟ ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ । ଏହା ପରେ ଉତ୍ତରଦାତା ଉଚ୍ଚ ନ୍ୟାୟାଳୟରେ ଏକ ପୁନରୀକ୍ଷଣ ଦାଖଲ କରିଥିଲେ ଏବଂ ଆକ୍ଷେପିତ ରାୟ ଦ୍ୱାରା ବିଦ୍ୱାନ ଏକକ ବିଚାରପତି ଉତ୍ତରଦାତାଙ୍କୁ ତିନୋଟି ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ, କିନ୍ତୁ ଧାରା 304A ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ଦଣ୍ଡକୁ 5,000 ଟଙ୍କା ଜୋରିମାନା ଆକାରରେ ହ୍ରାସ କରାଯାଇଥିଲା ଏବଂ ଏହାର

ଖିଲାପରେ, ଉତ୍ତରଦାତାଙ୍କୁ ତିନି ମାସ ପାଇଁ ସାଧାରଣ କାରାବାସ ଭୋଗିବାକୁ ପଡ଼ିଥିଲା । ଆଇ.ପି.ସି.ର ଧାରା 337 ଅନୁଯାୟୀ ଅପରାଧ ପାଇଁ 500 ଟଙ୍କାର ଜୋରିମାନା ସହ 15 ଦିନର କାରାବାସ; ଏବଂ ଆଇ.ପି.ସି.ର ଧାରା 338 ଅନୁଯାୟୀ ଅପରାଧ ପାଇଁ 550 ଟଙ୍କାର ଜୋରିମାନା ସହ 15 ଦିନର ଜେଲ୍ ଦଣ୍ଡ ଦେବାକୁ ବିଦ୍ୱାନ ବିଚାରପତି ନିଷ୍ପତ୍ତି ନେଇଥିଲେ । ଆଇ.ପି.ସି.ର ଧାରା 279 ଦଣ୍ଡନୀୟ ଅପରାଧ ପାଇଁ କୌଣସି ପୃଥକ ଦଣ୍ଡାଦେଶ ଦିଆଯାଇ ନଥିଲା ।

ଆମେ ଉଭୟ ପକ୍ଷର ବିଦ୍ୱାନ ଓକିଲଙ୍କୁ ଶୁଣିଛୁ । ଅପିଲକାରୀ-ରାଜ୍ୟ ପାଇଁ ବିଦ୍ୱାନ ଓକିଲ ଯୁକ୍ତି ଦର୍ଶାଇଥିଲେ ଯେ ଏହା ଏପରି ଏକ ମାମଲା ଯେଉଁଠାରେ ଉତ୍ତରଦାତା ଦ୍ରୁତଗତିରେ ଏବଂ ବେପରୁଆ ଗାଡ଼ି ଚାଳନାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ, ଯାହାର ପରିଣାମସ୍ୱରୂପ ଚାରି ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଜଣେ ବ୍ୟକ୍ତି ଆହତ ହୋଇଥିଲେ । ଏହା ଉପସ୍ଥାପିତ ହୋଇଥିଲା ଯେ, ବିଦ୍ୱାନ ଏକକ ବିଚାରପତି ଉତ୍ତରଦାତାଙ୍କୁ ଅତି କୋହଳଭାବେ ଏକ ହାଲୁକା ଦଣ୍ଡାଦେଶ ପ୍ରଦାନ କରିଥିଲେ । ଏହା ଉପସ୍ଥାପିତ ହୋଇଥିଲା ଯେ ଏହା ନ୍ୟାୟର ଗମ୍ଭୀର ଅପବ୍ୟବହାର କରିଛି ତେଣୁ, ଉତ୍ତରଦାତାଙ୍କୁ ଉପଯୁକ୍ତ ଦଣ୍ଡ ପ୍ରଦାନ କରି ଆକ୍ଷେପିତ ରାୟକୁ ପରିବର୍ତ୍ତନ କରାଯାଉ ।

ଏହି ମାମଲାର ଉଦ୍ଦେଶ୍ୟରେ, ଆମେ ତଥ୍ୟଗୁଡ଼ିକୁ ଅତି ସଂକ୍ଷିପ୍ତରେ ବର୍ଣ୍ଣନା କରିବୁ ।

ଡକ୍ଟର ଭେଙ୍କଟେଶ କନକରେଡ୍ଡୀ ନାମକ ଜଣେ ବ୍ୟକ୍ତି ତାଙ୍କ ପରିବାରର ସଦସ୍ୟଙ୍କ ସହ ତା 3.8.1991 ରିଖରେ ତାଙ୍କ ପୈତୃକ ଗ୍ରାମ ମହାଲିଙ୍ଗପୁରରୁ ଏକ କାରରେ ମହୀଶୂରରେ ପଢୁଥିବା ତାଙ୍କ ପୁଅକୁ ଭେଟିବା ପାଇଁ ମହୀଶୂର ଅଭିମୁଖେ ଯାତ୍ରା କରିଥିଲେ । ପି.ଡବ୍ଲ୍ୟୁ.-2, ଯିଏକି ତାଙ୍କ ନର୍ସିଂ ହୋମରେ କମ୍ପାଉଣ୍ଡର ଭାବେ କାମ କରୁଥିଲେ, ସେ ମଧ୍ୟ ଡ. ଭେଙ୍କଟେଶ କନକରେଡ୍ଡୀଙ୍କ ସହ ଯାଇଥିଲେ । ସେମାନେ ମହୀଶୂରରେ ତା 3.8.1991 ରିଖ ରାତି ବିତାଇଥିଲେ ଏବଂ ତା 4.8.1991 ରିଖ ରାତି 8ଟାରେ ମହୀଶୂର ଛାଡ଼ିଥିଲେ । ପରଦିନ ସକାଳ ପ୍ରାୟ 7ଟା 30 ମିନିଟ ସୁଦ୍ଧା, ଅର୍ଥାତ୍ ତା 5.8.1991 ରିଖ, ସେମାନେ ହୁବଲି ନିକଟସ୍ଥ ଟୋଡାସ୍ କ୍ରସ୍ ନାମକ ଏକ ସ୍ଥାନରେ ପହଞ୍ଚିଥିଲେ । ଡକ୍ଟର ଭେଙ୍କଟେଶଙ୍କ ଦ୍ୱାରା ଚାଳିତ କାରଟି ଉତ୍ତରଦାତା-ଅଭିଯୁକ୍ତଙ୍କ ଦ୍ୱାରା ଚାଳିତ ଏକ ମିନି ଲରି ସଂଖ୍ୟା KA 25-1040 ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଧକ୍କା ହେବା ଫଳରେ କାରର ଡାହାଣ ପାର୍ଶ୍ୱ ଚକଟି ଫାଟି ଯାଇଥିଲା ଏବଂ ଚାଳକ ଗାଡ଼ିର ନିୟନ୍ତ୍ରଣ ହରାଇଥିଲା ଏବଂ ଏହା ନିକଟସ୍ଥ ଏକ ଗଛରେ ଧକ୍କା ହୋଇଥିଲା । ଡାକ୍ତର ଭେଙ୍କଟେଶ କନକରେଡ୍ଡୀ, ତାଙ୍କ ପତ୍ନୀ ଏବଂ କାରର ଅନ୍ୟ ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା ଏବଂ ଜଣେ ବ୍ୟକ୍ତି ଆହତ ହୋଇଥିଲେ । ଆହତ ବ୍ୟକ୍ତିଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା, କିନ୍ତୁ ପରେ ସେ ମଧ୍ୟ ମୃତ୍ୟୁ ବରଣ କରିଥିଲେ । ବିଚାର କରୁଥିବା ଦଣ୍ଡାଧିକାରୀ ଏବଂ ଅପିଲୀୟ ନ୍ୟାୟାଳୟ ଉତ୍ତରଦାତାଙ୍କ ଦ୍ୱାରା ଉପସ୍ଥାପିତ ପ୍ରମାଣ ଆଧାରରେ ଆଇପିସିର ଧାରା 279, 337, 338 ଏବଂ 304A ଅନୁଯାୟୀ ଦଣ୍ଡନୀୟ ଅପରାଧରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ପୁନରୀକ୍ଷଣରେ, ଉଚ୍ଚ ନ୍ୟାୟାଳୟର ବିଦ୍ୱାନ ଏକକ ବିଚାରପତି ମଧ୍ୟ ଉତ୍ତରଦାତାଙ୍କ ଦୋଷସିଦ୍ଧିକୁ ସୁନିଶ୍ଚିତ କରିଥିଲେ, କିନ୍ତୁ ଦଣ୍ଡାଦେଶକୁ ସଂଶୋଧନ କରିଥିଲେ, ଯେଉଁଥିପାଇଁ ତାଙ୍କ ରାୟର ଅନୁଚ୍ଛେଦ 2 ରେ ଲିପିବଦ୍ଧ କାରଣ ନିମ୍ନରେ ଦିଆଯାଇଛି :

> "ପ୍ରମାଣରୁ ଏହା ସ୍ପଷ୍ଟ ଯେ ଆଗପଟ ଟାୟାର ଫାଟିବା କାରଣରୁ କାରଟି ରାସ୍ତାର ଡାହାଣ ପାର୍ଶ୍ୱକୁ ଚାଲିଯାଇଥିଲା ଏବଂ ଏହିପରି ଭାବରେ ଧକ୍କା ହୋଇଥିଲା । ଯଦିଓ ଏହି ପରିପ୍ରେକ୍ଷୀରେ ଆବେଦନକାରୀଙ୍କୁ ନିର୍ଦ୍ଦୋଷ ବୋଲି କୁହାଯାଇପାରେ ଏବଂ ଯଦିଓ ନିର୍ଦ୍ଦୋଷତାର ଏହି ଦିଗ ନିଶ୍ଚିତ ଭାବରେ ଦଣ୍ଡ ସମ୍ବନ୍ଧୀୟ ନିଷ୍ପତ୍ତିକୁ ପ୍ରଭାବିତ କରିପାରେ, ମୋର ମତ ହେଉଛି ଯେ ଦୁର୍ଘଟଣା ସକାଳ 7ଟାରେ ଘଟିଥିଲା, ଅନ୍ୟ କୌଣସି ଯାନ ରାସ୍ତାରେ ନଥିଲା ଏବଂ ଯେତେବେଳେ ଏହା ଏକ 40 ଫୁଟ ଚଉଡ଼ା ରାସ୍ତା ଅଟେ, ଆବେଦନକାରୀଙ୍କ ଅବହେଳା ଏହି ଘଟଣାରେ ରହିଛି ଯେ ସେ ଧକ୍କା ଏଡ଼ାଇବା ପାଇଁ କୌଣସି ପ୍ରୟାସ କରିନଥିଲେ । ଏହି କାରଣରୁ ମୁଁ ଏହି ଉପସଂହାରରେ ଉପନୀତ ହୋଇଛି ଯେ ଆବେଦନକାରୀଙ୍କୁ ଏହି ଅପରାଧ ପାଇଁ ଯଥାର୍ଥରେ ଦୋଷୀ ସାବ୍ୟସ୍ତ କରାଯାଇଛି । ତେବେ, ଏହି ପରିସ୍ଥିତିରେ, ଏହା ଏପରି ଏକ ମାମଲା ନୁହେଁ ଯେଉଁଥିରେ ଆବେଦନକାରୀଙ୍କୁ ଜେଲ୍ ପଠାଯିବା ଉଚିତ, ଯେପରି ବିଦ୍ୱାନ ମାଜିଷ୍ଟ୍ରେଟ୍ କରିଛନ୍ତି ଏବଂ ବିଦ୍ୱାନ ଦୌରା ବିଚାରପତିଙ୍କ ଦ୍ୱାରା ସୁନିଶ୍ଚିତ କରାଯାଇଛି ।"

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଉତ୍ତରଦାତା ବିଦ୍ୱାନ ମାଜିଷ୍ଟ୍ରେଟ୍ ତଥା ଅପିଲୀୟ ନ୍ୟାୟାଳୟଙ୍କ ସମ୍ମୁଖରେ ଏକ ଆବେଦନ ଉଠାଇଥିଲେ ଯେ କାରର ଡାହାଣ ସମ୍ମୁଖ ଟାୟାର ଫାଟିବା କାରଣରୁ ଦୁର୍ଘଟଣା ଘଟିଥାଇପାରେ, ଯାହାର ଫଳସ୍ୱରୂପ କାରଟି ରାସ୍ତାର ଡାହାଣ ପାର୍ଶ୍ୱକୁ ଯାଇ ଲରି ସହିତ ଧକ୍କା ହୋଇଥିଲା । କିନ୍ତୁ ଏହି ଆବେଦନକୁ ବିଚାର କରୁଥିବା ନ୍ୟାୟାଳୟ ତଥା ଅପିଲୀୟ ନ୍ୟାୟାଳୟ ଗ୍ରହଣ କରିନଥିଲେ । ଦୁର୍ଘଟଣା ପରେ ଗାଡ଼ି ଯାଞ୍ଚ କରିଥିବା ମୋଟର ଯାନ ଇନ୍ସପେକ୍ଟରଙ୍କୁ ଏହି ସମ୍ବନ୍ଧରେ ଏକ ପ୍ରସ୍ତାବ ଦିଆଯାଇଥିଲା । ତେବେ, ଇନ୍ସପେକ୍ଟର ଏହି ପ୍ରସ୍ତାବକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଥିଲେ ଯେ ଟାୟାର ଫାଟିଯିବା କାରଣରୁ ଦୁର୍ଘଟଣା ଘଟିଥାଇପାରେ ଏବଂ ସେ ମତ ରଖିଥିଲେ ଯେ ଦୁଇଟି ଯାନ ମଧ୍ୟରେ ଧକ୍କା ହେବା କାରଣରୁ ଟାୟାର ଫାଟିଯାଇଥିବ । କାରଟି ଡାହାଣ ପାର୍ଶ୍ୱକୁ ଯିବାର ସମ୍ଭାବନାକୁ ମଧ୍ୟ ପ୍ରମାଣ ଦ୍ୱାରା ଖଣ୍ଡନ କରାଯାଇଛି । ପୁନରୀକ୍ଷଣ ନ୍ୟାୟାଳୟଙ୍କ ଦ୍ୱାରା କରାଯାଇଥିବା ପର୍ଯ୍ୟବେକ୍ଷଣ, ନଥିରେ ଥିବା ପ୍ରମାଣ ଉପରେ ଆଧାରିତ ନୁହେଁ ।

ଆମର ମତ ହେଉଛି ଯେ ଦୁର୍ଘଟଣାର ଗମ୍ଭୀର ପ୍ରକୃତିକୁ ଦୃଷ୍ଟିରେ ରଖି, ଯାହାର ଫଳସ୍ୱରୂପ ଚାରି ଜଣଙ୍କର ମୃତ୍ୟୁ ଘଟିଥିଲା, ବିଦ୍ୱାନ ଏକକ ବିଚାରପତି ନିମ୍ନ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ଦଣ୍ଡାଦେଶରେ ହସ୍ତକ୍ଷେପ କରିବା ଉଚିତ୍ ନୁହେଁ । ଏହା ଏକ ଖରାପ ପୂର୍ବ ଦୃଷ୍ଟାନ୍ତ ସୃଷ୍ଟି କରିପାରେ ଏବଂ ନିମ୍ନ ନ୍ୟାୟାଳୟମାନଙ୍କୁ ଭୁଲ ସଙ୍କେତ ପଠାଇପାରେ, ଯେଉଁମାନଙ୍କୁ ଏଭଳି ଅନେକ ଦୁର୍ଘଟଣା ମାମଲାର ମୁକାବିଲା କରିବାକୁ ପଡ଼ିଥାଏ । ଯଦି ଅଭିଯୁକ୍ତମାନେ ଦ୍ରୁତଗତିରେ ଗାଡ଼ି ଚାଳନା ଏବଂ ବେପରୁଆ ଗାଡ଼ି ଚାଳନା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ସେମାନେ ଯେପରି ଆଇନ କବଳରୁ ଅତି ସହଜରେ ଖସି ପାରିବେ ନାହିଁ, ତାହା ସୁନିଶ୍ଚିତ କରିବା ପାଇଁ ନ୍ୟାୟାଳୟମାନଙ୍କୁ ସତର୍କ ରହିବାକୁ ପଡ଼ିବ । ନ୍ୟାୟାଳୟ ଦ୍ୱାରା ଲାଗୁ କରାଯାଇଥିବା ଦଣ୍ଡାଦେଶ ସମ୍ଭାବ୍ୟ ଅପରାଧୀଙ୍କ ଉପରେ ପ୍ରତିବନ୍ଧକ ପ୍ରଭାବ ପକାଇବା ଉଚିତ ଏବଂ ଏହା ଅପରାଧର ଗମ୍ଭୀରତା ସହିତ ଅନୁରୂପ ହେବା ଉଚିତ । ଅବଶ୍ୟ, ଦଣ୍ଡାଦେଶ ପ୍ରସଙ୍ଗରେ ନ୍ୟାୟାଳୟମାନଙ୍କୁ ବ୍ୟାପକ ଏବଂ ବିଭିନ୍ନ ପ୍ରକାରର ତଥ୍ୟର ସମୀକ୍ଷା କରିବା ପାଇଁ ସ୍ୱତନ୍ତ୍ରତା ଦିଆଯାଇଛି ଯାହା ଦଣ୍ଡାଦେଶର ପରିମାଣ ସ୍ଥିର କରିବା ପାଇଁ ପ୍ରାସଙ୍ଗିକ ହୋଇପାରେ, କିନ୍ତୁ ସମାଜର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ରତା ପ୍ରୟୋଗ କରାଯିବ ଏବଂ ଏହା କହିବାର

ଆବଶ୍ୟକତା ନାହିଁ ଯେ ଅପରାଧୀଙ୍କ ଉପରେ ଦଣ୍ଡାଦେଶ ପାରିତ କରିବା ବୋଧହୁଏ ଅପରାଧିକ ନ୍ୟାୟ ବ୍ୟବସ୍ଥାର ସବୁଠାରୁ ସାର୍ବଜନୀନ ଚେହେରା ।

ଏହି ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ଆମେ ବିଦ୍ୱାନ ଏକକ ବିଚାରପତିଙ୍କ ରାୟରେ ହସ୍ତକ୍ଷେପ କରିବାକୁ ଚାହୁଁଛୁ ଏବଂ ବିଚାର କରୁଥିବା ମାଜିଷ୍ଟ୍ରେଟଙ୍କ ଦ୍ୱାରା ଲାଗୁ ହୋଇଥିବା ଏବଂ ଅପିଲୀୟ ନ୍ୟାୟାଳୟ ଦ୍ୱାରା ନିଶ୍ଚିତ ହୋଇଥିବା ଦଣ୍ଡକୁ ଉତ୍ତରଦାତା ଭୋଗିବା ଉଚିତ ବୋଲି ବିଚାର କରୁଛୁ । ଫଳସ୍ୱରୂପ ଆମେ ନିର୍ଦ୍ଦେଶ ଦେଉଛୁ ଯେ ଧାରା 304A ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ, ଉତ୍ତରଦାତାଙ୍କୁ ଛଅ ମାସ ପାଇଁ ଏକ ସାଧାରଣ କାରାବାସ ଭୋଗିବା ପାଇଁ ହେପାଜତକୁ ନିଆଯାଉ । ଆଇପିସିର ଧାରା 279, 337 ଏବଂ 338 ଅନୁଯାୟୀ ଅପରାଧ ସମ୍ବନ୍ଧରେ, ବିଚାର କରୁଥିବା ମାଜିଷ୍ଟ୍ରେଟଙ୍କ ଦ୍ୱାରା କୌଣସି ପୃଥକ ଦଣ୍ଡାଦେଶ ଦିଆଯାଇ ନାହିଁ । ବିଚାର କରୁଥିବା ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶ ବଜାୟ ରହିଛି ।

ସେହି ଅନୁଯାୟୀ ଅପିଲକୁ ଅନୁମତି ଦିଆଯାଇଛି ।

ଏସ୍.କେ.ଏସ୍. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।